# Akashvani, Sambalpur

## SAMBALPURI NEWS EVENING BULLETIN

## 8 February 2025- 7.02 pm- 7.12 pm.

**********************************************

୧- ରାଜ୍ୟର୍ ୧୮ ଲାଖ୍ ହିତାଧିକାରୀଙ୍କୁ ଆଏଜ୍ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍ଲେ ମୁଖ୍ୟମନ୍ତ୍ରୀ ।

୨- ଦିଲ୍ଲୀ ବିଧାନ ସଭାନ ବହୁମତ ପାଏଲା ଭାରତୀୟ ଜନତା ପାର୍ଟି ।

୩- ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତିଭୂମିର ବିକାଶ ଲାଗି ଅଏତ୍କା ଯୋର୍ ଦେବାର୍କେ କେବିନେଟ୍ର ନିଷ୍ପତି ।

ଆଉର୍

୪- ପ୍ରଫେସର ଦୀପକ କୁମାର ସାହୁ ଭିସୁଟ୍ର ନୂଆ କୁଳପତି ନିଯୁକ୍ତ ।

ସୁଭଦ୍ରା ଯାଜ୍‌ପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯାଜ୍‌ପୁର୍ ଜିଲ୍ଲା ବ୍ୟାସନଗର୍ ସହର୍‌ର ଚାନ୍ଦ୍‌ମା ପଡ଼ିଆ ଠାନେ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ବାଂଟିଛନ୍ । ଆଏଜ୍ ରାଜ୍ୟର୍ ୧୮ ଲାଖ୍ ମହିଳା ହିତାଧିକାରୀଙ୍କର୍ ଜମା ଖାତାକେ ୯ ଶହ କୋଟି ଟଙ୍କା ଦିଆଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସର୍‌କାର୍ ମହିଳାମାନ୍‌କର୍ ବିକାଶ୍ ଉପ୍‌ରେ ଜୋର ଦଉଛନ୍ ଆଉ ସର୍‌କାର୍‌ଙ୍କର୍ ଇ ସାହାଜ୍ ସେମାନ୍‌କୁ ସ୍ୱାବଲମ୍ବୀ କରୁଛେ ।

(ଭଏସ୍ ଓଭର୍------ମୁଖ୍ୟମନ୍ତ୍ରୀ)

୪ ନମ୍ବର୍ ଖେପେ ଆଏଜ୍ ଯାଜ୍‌ପୁର୍ ଜିଲ୍ଲାର୍ ୭୯ ହଜାର୍ ମହିଳା ଉପକୃତ୍ ହେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବୟନ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗଙ୍କର୍ ସହେତେ ସାଂସଦ୍, ବିଧାୟକ୍ ଆର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଯୋଜ୍‌ନାର ଦୁଇ ନମ୍ବର କିସ୍ତିର୍ ପହେଲା ଖେପ୍ ସାହାଜ୍ ଟଙ୍କା ଆଏବା ମାସ ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଦିନ ଦିଆଯିବା ବଲି ସରକାର ଘୋଷଣା କରିଛନ୍ ।

ଦିଲ୍ଲୀ ବିଧାନସଭା ଫଲାଫଲ୍       ଏନ୍ଏସ୍ଡି

ଦିଲ୍ଲୀ ବିଧାନସଭା ନିର୍ବାଚନ୍ଥି ଭାରତୀୟ ଜନତା ପାର୍ଟି ସଂଖ୍ୟା ଗରିଷ୍ଠତା ହାସଲ୍ କରିଛେ । ଭାରତୀୟ ନିର୍ବାଚନ କମିଶନଙ୍କର୍ ସୂଚ୍ନା ଅନ୍ସାରେ ୭୦ଟା ଆସନ୍ ଭିତ୍ରୁ ୪୭ଟା ଆସନ୍ଥି ଭାରତୀୟ ଜନତା ପାର୍ଟି ଜିତିଛେ ଆର୍ ଗୁଟେଥି ଆଘେ ରହିଛେ । ସେନ୍ତା ଆମ୍ ଆଦ୍ମି ପାର୍ଟି ୨୨ଟା ଆସନ୍ ଜିତିଛେ । ଇନ ଜନେଇ ଦିଆଯାଇପାରେ ଯେ, ଦିଲ୍ଲୀର ବିଧାନ ସଭାର ୭୦ଟା ଆସନ୍ ଲାଗି ଗଲା ୫ ତାରିଖ୍ ଦିନ ଭୋଟ୍ ହେଇଥିଲା ।

ରାଜ୍ୟ କେବିନେଟ୍ ବୈଠକ୍          କଟକ ଡେସ୍କ

ରାଏଜେ ଶିକ୍ଷା, ସ୍ୱାସ୍ଥ୍ୟ, ଖେଲ୍, ଭିତିଭୂମି, ବାଟ୍ଘାଟ୍, ଆର୍ ସାମାଜିକ୍ ସୁରକ୍ଷା ବାଗିର୍ ବିଷେଥି ଗଲାକାଏଲ୍ ରାଜ୍ୟ କେବିନେଟ୍ ନିଷ୍ପତି ନେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଇ ବାବ୍ଦେ ଗଣମାଧ୍ୟମକେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଚାଲିଥିବା ଘର୍ ବନା ଯୋଜ୍ନାଥି ଲାଭ୍ ନେ ପାଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଘର୍ ଯୋଜ୍ନାଥି ପକା ଘର୍ ଦିଆଯିବା । ଇଥିର୍ ଲାଗି ୭ ହଜାର ୫ ଶହ ୫୦ କୋଟି ଟଙ୍କାର୍ ବ୍ୟୟ ବରଦ୍ କରାଯାଇଛେ । ଜୁଡିସିଆଲ୍ ଷ୍ଟାଫ୍ ସର୍ଭିସେସ୍ ନିଯୁକ୍ତି ପଦ୍ଧତି ଆଉ ସେବା ସର୍ତ

ନିୟମ୍-୨୦୦୮ଥି ସଂଶୋଧନ୍ କର୍‌ବାର୍ ଲାଗି କେବିନେଟ୍ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ସେନ୍ତା ରାଏଜେ ଖେଲ୍ ଭିତିଭୂମିକେ ତଲ୍ ସ୍ତର୍‌ନୁ ବର୍‌କସ୍ କର୍‌ବାର୍ ଲାଗି ସବୁ ବ୍ଲକ୍‌ନ ଷ୍ଟେଡିୟମ୍ ବନାବାର୍‌କେ ଗୁଟେ ନୂଆ ଯୋଜ୍‌ନାକେ ଅନୁମୋଦନ୍ କରାଯାଇଛେ । ଇଥିର୍ ଲାଗି ଖେପ୍ ଖେପ୍ କରି ୫ ବଛ୍‌ରେ ୪ ହଜାର ଶହେ ୨୪ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ୍ କଥାବାର୍ତା କର୍‌ବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ କର୍‌ବେ ।

ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା । ଇଟା ଭିନ୍ ଭିନ୍ ବିଷେଥି ୮ଟା ଶୃଙ୍ଖଳା ପ୍ରସାରଣ କରାଯିବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା

ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

## ପରୀକ୍ଷା ପେ ଚର୍ଚ୍ଚା         ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ କଥାବାର୍ତା କର୍‌ବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ କର୍‌ବେ ।

ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା । ଇଟା ଭିନ୍ ଭିନ୍ ବିଷେଥି ୮ଟା ଶୃଙ୍ଖଳା ପ୍ରସାରଣ କରାଯିବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

ରାଷ୍ଟ୍ରୀୟ ଖେଲ୍ ସମାରୋହ         ହି.ସ.

ଏକଲ୍ ସ୍କୁଲ୍ ଅଭିଯାନ୍ ଅଧୀନ୍‌ଥି ଗାଁ ଇଲାକାର୍ ଛୁଆମାନ୍‌କର୍ ଭିତ୍‌ରେ ଥିବା ଆଂଚଲିକ୍ ଖେଲ୍‌କୁଦ୍ ପ୍ରତିଭାକେ ଜାତୀୟସ୍ତର୍ ନ ପହଁଚାବାର୍ ଉଦ୍ଦେଶ୍ୟ୍‌ଥି କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୩ ଦିନିଆ ରାଷ୍ଟ୍ରୀୟ ଖେଲ୍ ସମାରୋହ ଆଏଜ୍‌ଠାନୁ ମୁଲ୍ ହେଇଛେ । ଇ ବଛର୍ ଓଡ଼ିଶା ନ ପହେଲା ଥର୍ ଲାଗି ଏନ୍ତା  ଆୟୋଜନ୍ କରାଯାଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମାରୋହକେ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ସମ୍ମାନିତ୍ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇଥିଲେ । ଭିନ୍ ଭିନ୍ ପ୍ରତିଯୋଗିତାଥି ଦେଶର ୨୮ ଟା ରାଜ୍ୟର୍ ୧୨ ଶହ ନୁ ଅଏତ୍‌କା ଛୁଆ ଭାଗ୍ ନେଇଛନ୍ । ପର୍‌ଦିନ ହେବାର୍‌କେ ଥିବା ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ ।

ବିଶ୍ୱ ପୁସ୍ତକ୍ ମେଳା-       ଆର୍‌ଏନ୍‌ୟୁ ସମ୍ବଲପୁର/ଏକ୍ସ

ନୂଆଦିଲ୍ଲୀଠାନେ ଚାଲିଥିବା ପୁସ୍ତକ୍ ମେଳାଥି ଆଏଜ୍ 'ଦି ସାଗା ଅଫ୍ କୁଦୋପାଲି: ଦି ଅନ୍‌ସଙ୍ଗ୍ ଷ୍ଟୋରୀ ଅଫ୍ ୧୮୫୭'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ୍ ହେଇଯାଇଛେ । ସମ୍ବଲପୁର ଜିଲ୍ଲାର ବୀର୍ ମାଏଟ୍ କୁଦୋପାଲିର୍ ଉପ୍‌ରେ ଲିଖିତ୍ ଇ ବହିକେ କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲପୁର ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଉାନ୍ମୋଚନ୍ କରିଛନ୍ । ସମ୍ବଲପୁର ମାଟିର୍ ବୀରତ୍ୱର୍ ଗାଥାକେ ଭିନ୍ ଭିନ୍ ଭାଷାଥି ନୂଆ ପିଢ଼ିର୍ ସାମ୍ନାକେ ଆନ୍‌ବାର୍ ଲାଗି ନେସ୍‌ନାଲ୍ ବୁକ୍ ଷ୍ଟ୍ରଟ୍-ଏନ୍‌ବିଟିର୍ ଚେରେଷ୍ଟାକେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ । ସେନ୍ତା ଗଲାକାଏଲ୍ ମେଲାଥି କୁଦୋପାଲିର୍ ବୀର୍ ସହିଦ୍‌ମାନଙ୍କର ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଆଇଆଇଏମ୍ ସମ୍ବଲପୁର୍‌ର ଅଧାପକ୍ ଡକ୍ଟର ସୁଜିତ୍ ପୃଷେଠ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଭିସୁଟ୍ ନୂଆ କୁଳପତି     I&PR

ରାଜ୍ୟପାଲ୍ ଆର୍ କୁଲାଧିପତି ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଏଜ୍ ବୁର୍ଲା ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି-ଭିସୁଟ୍‌ର କୁଳପତି ଭାବେ ପ୍ରଫେସର ଦୀପକ କୁମାର ସାହୁଙ୍କୁ ନିଯୁକ୍ତି ଦେଇଛନ୍ । ଶ୍ରୀ ସାହୁ ଇହାଦେ କେରଲ୍‌ର କୋଚିନ୍ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ନ ପ୍ରଫେସର୍ ଭାବେ କାର୍ଯ୍ୟ କରୁଛନ୍ ।

ବିଶ୍ୱବିଦ୍ୟାଳୟକେ ଫିର୍‌ବା ଜମି          ଆର୍‌ଏନ୍‌ୟୁ/ସମ୍ବଲପୁର

ହୀରାକୁଦ ନଦୀବନ୍ଧ ତିଆରି ସମିଆଥି ଜଳସମ୍ପଦ୍ ବିଭାଗ୍‌କେ ହସ୍ତାନ୍ତର କରାଯାଇଥିବା ଜମି ଭିତ୍‌ରୁ ୩୬ ଦଶମିକ୍ ୫/୬ ଏକଡ଼ ଜମି ରାଜସ୍ୱ ବିଭାଗ୍‌କେ ଫିର୍‌ବା । ଇ ବାବ୍‌ଦେ ଜଳସମ୍ପଦ ବିଭାଗ ତର୍‌ଫୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବଙ୍କୁ ଚିଠି ଲେଖାଯାଇଛେ । ସମ୍ବଲପୁର ସଦର ତହସିଲ୍‌ର ବୁର୍ଲା ମୌଜା ନ ଥିବା ଇ ଜମି ବିଶ୍ୱବିଦ୍ୟାଳୟକେ ହସ୍ତାନ୍ତର କରାଯିବା । ଇଥିର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ରାଜସ୍ୱ ବିଭାଗ୍‌କେ ଇ ଜମି ଆସ୍‌ବା ଉତ୍‌ରୁ ଉଚ୍ଚ ଶିକ୍ଷା ବିଭାଗକେ ହସ୍ତାନ୍ତର୍ କରାଯିବା ।

ଖେଳାଳୀ- ପୁରୀ ପୁରୀ ସମ୍ବାଦଦାତା

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଆଏଜ୍ ଭାରତୀୟ ଦଲ୍ ଷ୍ଟାଡିୟମ୍‌ଠାନେ ଅଭ୍ୟାସ୍ କରିଛେ । ତାର୍ ଆଘୋନୁ ଆଏଜ୍ ସଖାଲେ ଭାରତୀୟ ଦଲର୍ ୩ ଝନ୍ ମୁଖିଆ ଖେଲାଲୀ ପୁରୀ ଶ୍ରୀମନ୍ଦିର୍ ଯାଇକରି ମହାପୁରୁମାନ୍‌କୁ ଦର୍ଶନ୍ କରିଛନ୍ । ଆଏବାକାଏଲ୍ ମଏଧାନର୍ ଦେଢ୍ ବଜେ ଖେଲ୍ ମୁଲ୍ ହେବା ।

ଜିଲ୍ଲାସ୍ତରୀୟ ଅଧିକାରୀ-ଉପକାରାଗାର୍ ପରିଦର୍ଶନ

ନୂଆପଡ଼ା

ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍‌ଥି ଆଏଜ୍ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପକାରାଗାର୍ ବୁଲି ଦେଖିଛନ୍ । ଇ ସମିଆଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ, ଜିଲ୍ଲା ଦୌରା ଜଜ୍ ନିରଞ୍ଜନ୍ ପଣ୍ଡା ଜେଲ୍‌ର ସ୍ଥିତି ନିରୀକ୍ଷଣ୍ କର୍‌ବାର୍ ସହେତେ ସୁବିଧା ଅସୁବିଧା ବୁଝିଛନ୍ ।

ଜିଲ୍ଲାସ୍ତରୀୟ ପ୍ରଧାନ୍ ଶିକ୍ଷକ୍ ସମ୍ମିଳନୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସର୍‌କାରୀ ଶିକ୍ଷ ତାଲିମ୍ ଅନୁଷ୍ଠାନ୍ ଠାନେ ଜିଲ୍ଲାସ୍ତରୀୟ ପ୍ରଧାନ୍ ଶିକ୍ଷକ୍ ସମ୍ମିଳନୀ ହେଇଯାଇଛେ । ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍‌ମାନେ ଇଥି ଯୋଗ୍ ଦେଇକରି ଟୁକେଲ୍ ଛୁଆମାନ୍‌କର୍ ଲାଗି ସର୍‌କାର୍‌ଙ୍କର୍ ସୁଦକ୍ଷା ବୃତିଥି ରହିଥିବା ଭିନ୍ ସୁବିଧା ବାବ୍‌ଦେ ଆଲୋଚନା କରିଥିଲେ ।

ଆଦିବାସୀ ମହିଳା ସଶକ୍ତ ଶିକ୍ଷା ନୂଆପଡ଼ା ସମ୍ବାଦଦାତା

ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଳୟର୍ ଓଡ଼ିଆ ବିଭାଗ୍ ତର୍‌ଫୁ ଆଦିବାସୀ ମହିଳା ସଶକ୍ତ ଶିକ୍ଷାର୍ ଉପାଦେୟତା ସମ୍ମାନ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଆଦିବାସୀ ଜନଜାତିର୍ ପହେଲା

ତିନ୍ହି ଝିଅ ମେଟ୍ରିକ୍ ପାସ୍ କରିକରି ଅଲ୍‌ଗା ମାନ୍‌କର୍ ଲାଗି ଗୁଟେ ଉଦାହରଣ୍ ଆନ୍ ବଲି କହିଥିଲେ ।

ଅଦ୍ୱିକା ଯୋଜ୍‌ନା            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ତର୍‌ଫୁ ସର୍‌କାର୍‌ଙ୍କର୍ ଅଦ୍ୱିକା ଯୋଜ୍‌ନାଥି ପ୍ରତିଭା ଖୁଜା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକମ୍‌ଥି ବୌଦ୍ଧ ବ୍ଲକ୍ ଅଧକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଭିନ୍ ଭିନ୍ ପଂଚାୟତ୍‌ନୁ ଆସିଥିବା ଛାତ୍ରୀମାନେ ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ଇ ଅବ୍‌ସରେ ରାଜ୍ୟସ୍ତରୀୟ ଅଦ୍ୱିକା ସମ୍ମିଳନୀଥି ଭାଗ୍ ନେଇଥିବା ବୌଦ୍ଧର୍ ସ୍ନେହାରାଣୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।